# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28th April - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧି ଓଡ଼ିଶାରେ ଆରମ୍ଭ କଲେ ନିର୍ବାଚନୀ ପ୍ରଚାର ।

- ରକ୍ତହୀନତା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ଖରାଛୁଟିରେ ସ୍କୁଲ ପିଲାମାନଙ୍କୁ ଦିଆଯିବ ଆନେମିଆ ମୁକ୍ତ ବଟିକା

- ଓଡ଼ିଆ ଜାତିର ଗର୍ବ ଓ ଗୌରବ ମଧୁସୂଦନ ଦାସଙ୍କର ୧୭୬ତମ ଜୟନ୍ତୀରେ ରାଜ୍ୟବାସୀ ତାଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଅନୁଗୁଳ, ବୌଦ୍ଧ, ବାରିପଦାର ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ।

*Desk*

## ଜେ.ପି. ନଡ୍ଡାନ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଦିନିକିଆ ଓଡିଶା ଗସ୍ତରେ ଆସି ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଆମ୍ବପୁଆଠାରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇଛନ୍ତି । ରାଜ୍ୟ ଓ କେନ୍ଦ୍ରରେ ବି.ଜେ.ପି. ସରକାର ଗଠନ ହେଲେ ଓଡିଶାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ତେଣୁ ତାଙ୍କ ଦଳକୁ ବହୁ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ଲୋକମାନଙ୍କୁ ନିବେଦନ କରିଛନ୍ତି ।

*Desk*

## ରାହୁଲ୍‌ଙ୍କ ଓଡ଼ିଶା ଗସ୍ତ

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍‌ର କୁଳିଆ ପଡ଼ିଆଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଛନ୍ତି । ଜନସଭାକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଛନ୍ତି, ତାଙ୍କ ଦଳ ସରକାରକୁ ଆସିଲେ ଆଶା ଆଉ ଅଙ୍ଗନବାଡ଼ି କର୍ମୀଙ୍କର ମଜୁରି ଦୁଇଗଣ କରିବା ସହିତ ଦେଶର ବିକାଶ କ୍ଷେତ୍ରରେ ଅନେକ ପଦକ୍ଷେପ ନେବ ।

*Desk*

# ତୃତୀୟ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ ପାଇବ। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଏବଂ ଏହି ଆସନ ପରିସରରେ ଆସୁଥିବା ବିଧାନସଭା ଆସନଗୁଡ଼ିକ ପାଇଁ ମଧ୍ୟ ମଇ ମାସ ୨୫ ତାରିଖରେ ଭୋଟଗ୍ରହଣ କରାଯିବ । ଆସନ୍ତାକାଲିଠାରୁ ଏହିସବୁ ଆସନ ଲାଗି ନାମଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ହେଉଛି ମଇ ମାସ ୬ ତାରିଖ । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ୪୪ ଲକ୍ଷ ୪୧ ହଜାର ୭୯୭ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୨ ଲକ୍ଷ ୩୫ ହଜାର ୭୬୪ ଜଣ ଯୁବ ମତଦାତା ପ୍ରଥମ ଥରଲାଗି ଭୋଟ୍ ଦେବେ ।

*Gajapati/R*

# ମିଡିଆ ସାର୍ଟିଫିକେସନ୍ ମନିଟରିଂ କମିଟି

ଚଳିତ ସାଧାରଣ ନିର୍ବାଚନପାଇଁ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମିଡିଆ ସାର୍ଟିଫିକେସନ୍ ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ମୃତିରଞ୍ଜନ

ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପଞ୍ଜିକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣପାଇଁ ନିର୍ଦ୍ଧାରିତ ୩ ଦିନରୁ ଅଧିକ ଏବଂ ଅଣପଞ୍ଜିକୃତ ଦଳ ଓ ପ୍ରାର୍ଥୀଙ୍କୁ ୭ ଦିନରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡ଼ିବ । ବିଜ୍ଞାପନର ପ୍ରାକ୍ ପ୍ରମାଣପତ୍ରର ନକଲ, ବ୍ୟାନର୍, ପାମ୍ଫଲେଟ୍ ଓ ପୋଷ୍ଟର ଆଦିରେ ଛପା ଓ ପ୍ରକାଶନର ମୁଦ୍ରକ ଓ ପ୍ରକାଶକଙ୍କ ନାମ, ଠିକଣା ଓ ଫୋନ୍ ନମ୍ବର ରଖିବା ବାଧ୍ୟତାମୂଳକ କରାଯାଇଛି ।

ଆସନ୍ତାମାସ ୧୩ ତାରିଖ ଦିନ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ମତଦାନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ମୁଖ୍ୟତଃ ‘ଚାଲ ସମସ୍ତେ ଭୋଟ୍ ଦେବା – ଗଣତନ୍ତ୍ରର ମାନ ରଖିବା’ ସ୍ଲୋଗାନ ଉପରେ ଜିଲ୍ଲାବ୍ୟାପୀ ଭୋଟରଙ୍କୁ ସଚେତନ କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Malkangiri/R***

# ମାଲକାନଗିରି ନିର୍ବାଚନ

ସାଧାରଣ ନିର୍ବାଚନ ଲାଗି ନବରଙ୍ଗପୁର ଲୋକସଭା ଆସନ ଅଧୀନରେ ଥିବା ମାଲକାନଗିରି ଜିଲ୍ଲାର ୨ଟି ବିଧାନସଭା ଆସନରେ ମଧ୍ୟ ଆସନ୍ତା ମାସ ୧୩ ତାରିଖ ଦିନ ମତଦାନ ହେବ । ଏହି ଲୋକସଭା ଆସନ ଅଧୀନରେ ମାଲକାନଗିରି ଜିଲ୍ଲାର ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ମଣ୍ଡଳି

ରହିଛି । ଇତିମଧ୍ୟରେ ମାଲକାନଗିରି ଆସନ ଲାଗି ବି.ଜେ.ଡି.ର ମାନସ ମାଡ଼କାମୀ, ବି.ଜେ.ପି. ନରସିଂହ ମାଡ଼କାମୀ ଓ କଂଗ୍ରେସର ମାଲା ମାଡ଼ିଙ୍କ ସମେତ ୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିଭଳି ଚିତ୍ରକୋଣ୍ଡା ଆସନ ଲାଗି ବି.ଜେ.ଡି.ର ଲକ୍ଷ୍ମୀପ୍ରିୟା ନାୟକ, ବି.ଜେ.ପି. ଡମ୍ବରୁ ଶିସା ଓ କଂଗ୍ରେସର ମଙ୍ଗୁ ଖିଲଙ୍କ ସମେତ ମୋଟ ୧୦ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି । ଆସନ୍ତାକାଲି ହେଉଛି ଉଭୟ ଆସନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ । ଏ ସମ୍ପର୍କରେ ଆମ ମାଲକାନଗିରି ସମ୍ବାଦଦାତା ଅଧିକ ସୂଚନା ଦେଇ କହିଛନ୍ତି :

***Voice*** **:.........**

***Desk***

# ଲୌହ ବଟିକା ବଣ୍ଟନ

ରକ୍ତହୀନତାମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟକୁ ଆନେମିଆମୁକ୍ତ କରିବାପାଇଁ ଖରାଛୁଟିରେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ଆଇରନ୍ ଓ ଫଲିକ୍ ଏସିଡ୍ ବଟିକା ଦିଆଯିବ । ସ୍କୁଲ୍‌ର ଶିକ୍ଷକ ଶିକ୍ଷୟତ୍ରିମାନେ ଏହି କାର୍ଯ୍ୟରେ ନିୟୋଜିତ ହେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଗୋଲାପୀ ରଙ୍ଗର ବଟିକା ଦିଆଯିବ । ସେହିଭଳି ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ

ପଢୁଥିବା ପିଲାମାନଙ୍କୁ ନୀଳ ବଟିକା  ଦିଆଯିବ । ଔଷଧ ବଟିକା ବଣ୍ଟନ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନଙ୍କୁ ସୂଚନା ଦିଆଯିବ । ସ୍କୁଲ୍ ଖୋଲିବା ପୂର୍ବରୁ ବଟିକା ବଣ୍ଟନ କାର୍ଯ୍ୟ ଶେଷ କରିବାପାଇଁ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ କୁହାଯାଇଛି ।

***Desk, Cuttack, Boudh, Dhenkanal/R***

## ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କର ୧୭୬ତମ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳିତ ହେଉଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିସଭାମାନ ଆୟୋଜିତ ହୋଇଛି । ଓଡ଼ିଆ ଜାତିର ଗର୍ବ ଓ ଗୌରବ ତଥା ପ୍ରଖ୍ୟାତ ଜାତୀୟବାଦୀ ନେତା ଭାବେ ମଧୁସୂଦନ ଦାସ ଯେତିକି ପରିଚିତ, ବିଶିଷ୍ଟ ଆଇନଜ୍ଞ ଭାବେ ମଧ୍ୟ ତାଙ୍କର ଭୂମିକା ଅତ୍ୟନ୍ତ ଗରିମାମୟ ଥିଲା । ଭାରତୀୟ ମହିଳାଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ ଭଳି ଯୁଗାନ୍ତକାରୀ ଅଧିକାର ପ୍ରଦାନ କରି ମଧୁବାବୁ ଦେଶର ଆଇନଜୀବଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିଛନ୍ତି ।

ମଧୁବାବୁ ଯେଉଁ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରିଥିଲେ, ସେଗୁଡ଼ିକ ମଧ୍ୟରେ ଉତ୍କଳ ସମ୍ମିଳନୀ, ଓଡ଼ିଆ ସାହିତ୍ୟ ମଞ୍ଚ ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ଟ୍ୟାନେରୀ, ତାଳଗୁଡ଼ ସଂସ୍ଥା, ନାରୀ ଜାଗରଣ ପାଇଁ ବାଳିକ ଉଚ୍ଚ

ବିଦ୍ୟାଳୟ, ତନ୍ତ ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ସହିତ ଅନ୍ୟ କେତେକ ବିକାଶମୁଖୀ ଅନୁଷ୍ଠାନ ଅନ୍ତର୍ଭୁକ୍ତ ।

୧ ୯ ୨ ୪ ମସିହାରୁ ମଧୁବାବୁଙ୍କ ସ୍ୱଦେଶୀ ଆନ୍ଦୋଳନ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା, ସମସ୍ତଙ୍କୁ ମୌଳିକ ଶିକ୍ଷାର ଅଧିକାର, ପଛୁଆ ଶ୍ରେଣୀ ଲୋକମାନଙ୍କର ଉତ୍‌ଥାନ ଆଦି କେତେକ ଜନଜାଗରଣ ପ୍ରସଙ୍ଗ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

ଉତ୍କଳ ଗୌରବଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ଶିଳ୍ପ, ଶିକ୍ଷା, ସାହିତ୍ୟର ପ୍ରସାର ତଥା ଓଡ଼ିଆ ସ୍ୱାଭିମାନର ସୁରକ୍ଷା ଦିଗରେ ମଧୁବାବୁଙ୍କ ବହୁମୂଲ୍ୟ ଯୋଗଦାନ ଚିରସ୍ମରଣୀୟ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ରକ୍ଷା କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ଏବଂ ଶିଳ୍ପ ଓ ଦକ୍ଷତାର ବିକାଶ ପାଇଁ କୃତସଂକଳ୍ପ ମଧୁସୂଦନଙ୍କ ଅବଦାନ ଅତୁଳନୀୟ।

ମଧୁବାବୁଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ସାଲେପୁରର ସତ୍ୟଭାମାପୁର ଏବଂ କର୍ମପୀଠ କଟକ ସହରରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଓ ଗୋରାକବରରେ ଥିବା ତାଙ୍କ ସମାଧିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଛନ୍ତି। ଆଜିର ଦିନଟିକୁ ମଧ୍ୟ ଆଇନଜୀବୀ ଦିବସ ଭାବେ ପାଳନ କରାଯାଉଛି।

ଏହି ଅବସରରେ କଟକସ୍ଥିତ ଓଡ଼ିଶା ହାଇକୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ମାଲ୍ୟାର୍ପଣ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ହାଇକୋର୍ଟର ଅନ୍ୟ ବିଚାରପତିଙ୍କ ସମେତ ବହୁ ଆଇନଜୀବୀ ମଧ୍ୟ ଉପସ୍ଥିତ ଥିଲେ ।

ବୌଦ୍ଧ ଜିଲ୍ଲା ଓକିଲ ସଂଘ ଏବଂ ଅନ୍ୟ କେତେକ ଅନୁଷ୍ଠାନ ପକ୍ଷରୁ ମଧୁବାବୁଙ୍କର ଜୟନ୍ତୀକୁ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଇଛି । ବୌଦ୍ଧ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାରିଛକ ଓକିଲ ସଂଘ, କନ୍ଧମାଳ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ଉପରେ ଆଲୋକପାତ କରାଯାଇଛି ।

ସେହିଭଳି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ଏବଂ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ।

ଭଦ୍ରକ ଜିଲ୍ଲା ଉତ୍କଳ ସମ୍ମିଳନୀ, ଓକିଲ ସଂଘ, ବଡ଼ବିଲ୍ ଓକିଲ୍ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

***Sambalpur/R***

## ମହାନଦୀ ସାହିତ୍ୟ ଉତ୍ସବ

ସମ୍ବଲପୁରଠାରେ ମହାନଦୀ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଯୋଗଦେଇ ଜାତୀୟ ଶିକ୍ଷା ନୀତିରେ ସମ୍ବଲପୁରୀ ଭାଷା ସମେତ ସବୁ ଭାରତୀୟ ଭାଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଯୋଡ଼ିବା ଦିଗରେ ସ୍ଥାନୀୟ ଅଞ୍ଚଳର ସମର୍ଥନ ରହିଛି ଓ ରହିବ । ଭାଷାର ମାଧୁର୍ଯ୍ୟ ତଥା ନିଜ ନିଜ ଅଞ୍ଚଳରେ କୁହାଯାଉଥିବା ଭାଷା ଉପରେ ଶ୍ରୀ ପ୍ରଧାନ ଏହି ଅବସରରେ ଆଲୋକପାତ କରିଛନ୍ତି । ଜିଲ୍ଲାର ଏକାଧିକ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡକ୍ଟର ରମାବଲ୍ଲଭ ମିଶ୍ର, ଡକ୍ଟର କୁମୁଦ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ 'ଆଞ୍ଚଳିକ ସାହିତ୍ୟ ଓ ବିଶ୍ୱଦୃଷ୍ଟି' ଶୀର୍ଷକ ଆଲୋଚନା ଚକ୍ରରେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

***BBSR/R***

## ତାପମାତ୍ରା

ପଶ୍ଚିମା ଏବଂ ଉତ୍ତର ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜି ତାପମାତ୍ରା ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଅନୁଗୁଳ,

ବୌଦ୍ଧ ଏବଂ ବାରିପଦା ସହରର ତାପମାତ୍ରା ଆଜି ୪୪ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ଥିଲା । ନୟାଗଡ଼, କଟକ, ଢେଙ୍କାନାଳ, ତାଳଚେର, ଟିଟିଲାଗଡ଼, ମାଲକାନଗିରି, ବଲାଙ୍ଗିର, ଭବାନୀପାଟଣା ଏବଂ ରାଜଧାନୀ ଭୁବନେଶ୍ୱରର ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରେ ଥିଲା । ଉପକୂଳ ଅଞ୍ଚଳକୁ ବାଦ୍ ଦେଲେ ରାଜ୍ୟର ସମସ୍ତ ସ୍ଥାନରେ ଆଜି ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା ।

*****